# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 February – 2025**

## News Editor – Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ଶିକ୍ଷା ସମାଜର ବିକାଶରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ; ଆଦି ମହୋତ୍ସବରେ କହିଲେ, ରାଷ୍ଟ୍ରପତି
- ବିଧାନସଭାରେ ଆସନ୍ତାକାଲି ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଉପସ୍ଥାପନ ହେବ ବଜେଟ୍
- କଟକ ବାରବାଟୀ ଷ୍ଟାଡିୟମରେ ସେଲିବ୍ରିଟି କ୍ରିକେଟ୍ ଲିଗ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ମହାକୁମ୍ଭ ମେଳା ଆମ ସଭ୍ୟତା, ସଂସ୍କୃତି ଓ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ଆଦି ମହୋତ୍ସବ-ରାଷ୍ଟ୍ରପତି

ସମାଜର ବିକାଶରେ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ନୂଆଦିଲ୍ଲୀର ମେଜର ଧ୍ୟାନଚନ୍ଦ ଷ୍ଟାଡିୟମ୍‌ରେ ଆୟୋଜିତ **ଆଦି ମହୋତ୍ସବ**କୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଜନଜାତି ସମୁଦାୟର ଶିଳ୍ପକଳା, ଖାଦ୍ୟପେୟ, ଆଭୁଷଣ, ଘରୋଇ ଚିକିତ୍ସା ପଦ୍ଧତି ଓ ଖେଳକୁଦ ଆମ ଦେଶର ଅମୂଲ୍ୟ ଐତିହ୍ୟ। ସେମାନଙ୍କ ଜୀବନଶୈଳୀରେ ବୈଜ୍ଞାନିକ ଓ ପ୍ରକୃତି ସହ ସହଜ ତାଳମେଳ ଓ ଆଦର୍ଶର ଝଲକ ଦେଖାଯାଇଥାଏ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ଆଦିବାସୀ ସମୁଦାୟଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତୀକରଣ ପାଇଁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଏହି ସମ୍ପ୍ରଦାୟର ଲୋକେ ସଶକ୍ତ ହେବା ସହ ବିକଶିତ ଭାରତ ଗଠନରେ ସକ୍ରିୟ ଯୋଗଦାନ କରୁଛନ୍ତି। ଜନଜାତି ସମୁଦାୟ ବିକଶିତ ହେଲେ ଦେଶ ସଠିକ୍ ମାର୍ଗରେ ବିକଶିତ ହେବ। ବିଗତ ୧୦ ବର୍ଷରେ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -**

୯ ଦିନ ଧରି ଚାଲିବାକୁ ଥିବା ଆଦି ମହୋତ୍ସବ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ।

# ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ

ସପ୍ତଦଶ ବିଧାନସଭା ଅଧିବେଶନରେ ଆସନ୍ତାକାଲି ୨୦୨୫-୨୬ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏହା ପୂର୍ବରୁ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୪-୨୫ ପ୍ରକାଶ ପାଇଛି। ଏଥିରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସହିତ ଖାଦ୍ୟଶସ୍ୟ ଉତ୍ପାଦନ, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ବିକାଶ, ଶିଳ୍ପାୟନ, କୃଷି, ସଫ୍ଟୱେୟାର ରପ୍ତାନୀ କ୍ଷେତ୍ରରେ ଅଭିବୃଦ୍ଧି ନେଇ ଉଲ୍ଲେଖ ରହିଛି। ସର୍ଭେ ରିପୋର୍ଟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହିଥିବା ଦର୍ଶାଯାଇଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ୍ ଘରୋଇ ଉତ୍ପାଦନ ୯ ଦଶମିକ ୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହାକି, ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ। ଓଡ଼ିଶାର ମୁଣ୍ଡପିଛା ଆୟ ୧୦ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଁ ୧ ଲକ୍ଷ ୮୨ ହଜାର ୫୪୮ ଟଙ୍କାରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ଶ୍ରମଶକ୍ତି ଅଂଶଗ୍ରହଣ କ୍ଷେତ୍ରରେ ସର୍ବଭାରତୀୟ ସ୍ତରଠାରୁ ରାଜ୍ୟ ଅଧିକ ଥିବା ରିପୋର୍ଟରେ ଦର୍ଶାଯାଇଛି।

## ଜନଶୁଣାଣି

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୨୪ ତାରିଖ ଦିନ ବନ୍ଦ ରହିବ।

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ।

## ସେଲିବ୍ରିଟି କ୍ରିକେଟ୍

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜି ସେଲିବ୍ରିଟି କ୍ରିକେଟ୍ ଲିଗ୍’କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଅପରାହ୍ଣରେ ଲିଗ୍‌ର ପ୍ରଥମ ମ୍ୟାଚ୍‌ର ପଂଜାବ ଦେ ସେର’ ଏବଂ ଭୋଜପୁରୀ ଦବଙ୍ଗସ୍ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଦ୍ୱିତୀୟ ମ୍ୟାଚ୍‌ଟି ମୁମ୍ବାଇ ହିରୋଜ୍ ଏବଂ ବେଙ୍ଗଲ ଟାଇଗର୍ସ୍ ମଧ୍ୟରେ ଖେଳାଯିବ। ଏହି ସଂସ୍କରଣରେ ମୋଟ୍ ୭ଟି ଦଳ ଖେଳୁଛନ୍ତି। ୧୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ ୨ ଇନିଂସ୍‌ରେ ଖେଳାଯାଉଛି। ହିନ୍ଦୀ ଏବଂ ଅନ୍ୟ ଭାଷାର ଚଳଚ୍ଚିତ୍ରରେ ଅଭିନୟ କରିଥିବା ତାରକା ଏବଂ ଅଭିନେତାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

## ମହାକୁମ୍ଭ-ଧର୍ମେନ୍ଦ୍ର ପ୍ରଧାନ

ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଓ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ମହାକୁମ୍ଭ ମେଳା ଅବସରରେ ତ୍ରିବେଣୀ ସଙ୍ଗମରେ ବୁଡ ପକାଇବା ପରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭର ଅଲୌକିକ ସଂଗମର ଅବସର ଆସିଛି। ଏହା କେବଳ ପର୍ବ ନୁହେଁ ବରଂ ଦେଶର ହଜାର ହଜାର ବର୍ଷ ପୁରୁଣା ଆଧ୍ୟାତ୍ମିକତା

ଏବଂ ସାଂସ୍କୃତିକ ଚେତନତାର ଜୀବନ୍ତ ଜ୍ୟୋତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଆଂଚଳିକ କର୍ମଶାଳା

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ **କୋରାପୁଟ** ଜିଲ୍ଲା ସେମିଳିଗୁଡ଼ା ବ୍ଲକ ତେନ୍ତୁଳିଗୁଡାଠାରେ ପାରମ୍ପରିକ ଔଷଧୀୟ ଗଛ ସଂରକ୍ଷଣ ଏବଂ ଚିକିତ୍ସକମାନଙ୍କୁ ତାଲିମ ପ୍ରଦାନ ସମ୍ପର୍କିତ ଏକ ଆଂଚଳିକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ପାରମ୍ପରିକ ସ୍ୱାସ୍ଥ୍ୟ ଚିକିତ୍ସକ ଏବଂ ବିଭିନ୍ନ ଅନୁଷ୍ଠାନର ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ । ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ରବି ନାରାୟଣ ଆଚାର୍ଯ୍ୟ ଔଷଧୀୟ ବିହନ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ଥାନୀୟ ଜଙ୍ଗଲରୁ ଔଷଧୀୟ ବିହନ ସଂଗ୍ରହ କରୁଥିବା ହରି ପାଙ୍ଗିଙ୍କ ବିହନ ବ୍ୟାଙ୍କ୍ ପଦକ୍ଷେପକୁ ଶ୍ରୀ ଆଚାର୍ଯ୍ୟ ପ୍ରଶଂସା କରିଥିଲେ । ଜଙ୍ଗଲରୁ ଔଷଧୀୟ ଗଛ ସଂଗ୍ରହ ଏବଂ ପାରମ୍ପରିକ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଗୁପ୍ତେଶ୍ୱର ଗବେଷଣା କେନ୍ଦ୍ର ପରିସରରେ ଧନ୍ୱନ୍ତରୀଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା ।

## କଇଁଛଙ୍କ ଅଣ୍ଡାଦାନ

**ଗଞ୍ଜାମ** ନିକଟ ଋଷିକୂଲ୍ୟା ନଦୀ ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ନଦୀ ମୁହାଣ ସଂଲଗ୍ନ

ନୀଳ ସମୁଦ୍ରରେ ଆଜି ଅପରାହ୍ଣ ସୁଦ୍ଧା ୧୧ ହଜାର ୩୯୦ କଇଁଛ ଆସିଥିବା ସୂଚନା ମିଳିଛି। ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବେଳାଭୂମିର ୨ କିଲୋମିଟର ପର୍ଯ୍ୟନ୍ତ ବାଲୁକାଶଯ୍ୟାରେ ସୁରକ୍ଷା ବାଡ ଦିଆଯାଇଛି। ପ୍ରତିଦିନ ବୋଟ୍ ସାହାଯ୍ୟରେ ସମୁଦ୍ରରେ ପାଟ୍ରୋଲିଂ କରାଯାଉଥିବା ବ୍ରହ୍ମପୁର ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ୱେବ୍‌ସାଇଟ୍ ଠକେଇ

**ପୁରୀ** ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତନିବାସଗୁଡ଼ିକ ନାମରେ ନକଲୀ ୱେବ୍‌ସାଇଟ୍ ଖୋଲି ଠକେଇ ଘଟଣା ନଜରକୁ ଆସିବା ପରେ’ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରାଇମ୍‌ବ୍ରାଞ୍ଚ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

ଶ୍ରୀମନ୍ଦିରର ନିଜସ୍ୱ ୱେବ୍‌ସାଇଟ୍ **www.shreejagannatha.in** କୁ ଏବଂ **www.stay at puri jagannatha.in** ମାଧ୍ୟମରେ ଭକ୍ତନିବାସଗୁଡ଼ିକର ବୁକିଂ କରାଯାଉଥିବା ମୁଖ୍ୟ ପ୍ରଶାସକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ନକଲୀ ୱେବ୍‌ସାଇଟ୍ ଓ ଜାଲ୍ ଆକାଉଣ୍ଟ ଜରିଆରେ କିଛି ବ୍ୟକ୍ତି ସାଧାରଣ ଜନତାଙ୍କୁ ଠକେଇ କରିଥିବାର ପ୍ରମାଣ ହସ୍ତଗତ ହେବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ବସୁନ୍ଧରା ପଟ୍ଟା ବଣ୍ଟନ

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦଠାରେ ଘରବାରୀ ଓ ବସୁନ୍ଧରା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଭଞ୍ଜନଗର ଟାଉନ୍‌ହଲ୍‌ଠାରେ ଆୟୋଜିତ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭଞ୍ଜନଗର ବ୍ଲକ୍ ଓ ଏନ୍‌ଏସିର ୭୦୧ ଜଣ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ଘରବାରୀ ପଟ୍ଟା ଏବଂ ୯ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ବଣ୍ଟନ କରିଛନ୍ତି ।

## ଜନସମ୍ପର୍କ ଶିବିର

**ଗଞ୍ଜାମ** ପୋଲିସ୍ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସମ୍ପର୍କ ଶିବିର ଆରମ୍ଭ ହୋଇଛି । ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି, ପୋଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ଶିବିରର ଆୟୋଜନ କରାଯାଇଛି । ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀ ଯୁବକମାନଙ୍କୁ ନେଇ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା ।

## ଭିତ୍ତିଭୂମି ଅନୁଧ୍ୟାନ

**ବୌଦ୍ଧ** ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଆଜି ବିଭିନ୍ନ ହାଇସ୍କୁଲ ପରିଦର୍ଶନ କରି ପରୀକ୍ଷା କେନ୍ଦ୍ରର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି । ଆସନ୍ତା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ବିଦ୍ୟାଳୟଗୁଡ଼ିକର ସମସ୍ତ କୋଠରୀରେ ସିସିଟିଭି ବ୍ୟବସ୍ଥା ସହ ପରୀକ୍ଷାର୍ଥୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ପରୀକ୍ଷା ନେଇ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ତାଲିମ୍ ଶିବିର

**ରାୟଗଡ଼ା** ବନାଞ୍ଚଳ ତରଫରୁ ଜଙ୍ଗଲୀ ନିଆଁ ନିବାରଣ ସମ୍ପର୍କିତ ଏକ ତାଲିମ୍ ଶିବିର ରାୟଗଡ଼ା ରୟାଲ କଲୋନୀ ନିକଟସ୍ଥ ଫରେଷ୍ଟ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯୋଗଦେଇ ଆଗାମୀ ଗ୍ରୀଷ୍ମଋତୁରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ଓ ନିବାରଣ କରିବା ସମ୍ପର୍କରେ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ରାୟଗଡ଼ା ଓ କୋଲନରା ବ୍ଲକ୍‌ର ୪୦ଟି ପଞ୍ଚାୟତର ସରପଞ୍ଚ ଭାଗ ନେଇଥିଲେ ।

## ଧାନମଣ୍ଡି ପରିଦର୍ଶନ

ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଜି ଭଦ୍ରକ ଜିଲ୍ଲାର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି । ଏହି ସମୟରେ ଶ୍ରୀ ସାହୁ ଚାଷୀମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ଆଗାମୀ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ୩୭ଟି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ ହୋଇଛି । ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୬ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।

ଅପରପକ୍ଷରେ, ରାଜ୍ୟର କେତେକ ସ୍ଥାନରେ ଆସନ୍ତା ବୁଧବାରଠାରୁ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲା ସହିତ ଅନ୍ୟ କେତେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

*********************************